# Akashvani, Sambalpur

## SAMBALPURI NEWS EVENING BULLETIN

## 3 June 2025- 7.02 pm- 7.12 pm.

*******************************************

୧- ଦେବ୍‌ଗଡ୍ ଜିଲ୍ଲାର୍ ବିକାଶ୍ ଲାଗି ୨ ଶହ ୫ କୋଟି ଟଙ୍କାର୍ ୧୫ ଟା ପ୍ରକଳ୍ପର୍ ଶିଳାନ୍ୟାସ୍ ଆଉ ଉଦ୍‌ଘାଟନ୍ କଲେ ମୁଖ୍ୟମନ୍ତ୍ରୀ ।

- କେନ୍ଦୁପତ୍ର ତୋଲାଲି ଆର୍ ବନ୍ଧାଲୀ ମାନ୍‌କର୍ ଲାଗି ସାହାଜ୍ ଘୋଷ୍‌ନା ।

୨- ମୁଖ୍ୟମନ୍ତ୍ରୀ ଆଭାସୀ ଜରିଏ ୧୧ ଟା ସ୍ୱୟଂଚାଳିତ ଯାନ ଚାଲନା ପରୀକ୍ଷା ବ୍ୟବସ୍ଥାର୍ କଲେ ଶୁଭାରମ୍ଭ ।

୩- ଅଦିନିଆ ବର୍ଷାଥି ହେଇଥିବା ଫସଲ୍ ନୁକ୍‌ସାନ୍‌ର ଜଲ୍‌ଦି ଦିଆଯିବା ଭର୍‌ନା- କହେଲେ ରାଜସ୍ୱ ମନ୍ତ୍ରୀ ।

ଆଉର୍

୪- ସ୍ଥାୟୀ ଭବିଷ୍ୟତ୍ ଲାଗି ସାଇକେଲ୍ ଚାଲନାର୍ ବାର୍ତା ନେଇକରି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ସାଇକେଲ୍ ଦିବସ୍ ।

ମୁଖ୍ୟମନ୍ତ୍ରୀ- ଦେବ୍‌ଗଡ଼୍       ଦେବ୍‌ଗଡ଼୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଦିନ୍‌କିଆ ଦେବ୍‌ଗଡ଼୍ ଗସ୍ତଥି଼ ଆସିକରି ଜିଲ୍ଲା ନ ୨ ଶହ ୫ କୋଟି ଟଙ୍କାର୍ ଭିନ୍ ଭିନ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆର୍ ଶିଲାନ୍ୟାସ୍ କରିଛନ୍ । ସେଥିର୍‌ଭିତ୍‌ରେ ୧୧ ଟା ସ୍ୱାସ୍ଥ୍ୟସେବା ପ୍ରକଳ୍ପ ଆଉ ୪ ଟା ଶିକ୍ଷା ଭିତିଭୂମି ବିକାଶ୍ ପ୍ରକଳ୍ପ ରହିଛେ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଇ ଅବ୍‌ସରେ ଜିଲ୍ଲା ମୁଖ୍ୟାଲୟ ନ ୩ ଶହ  ଶଯ୍ୟା ସୁବିଧା ଥିବା ଡାକ୍ତର୍‌ଖାନା କୋଠା ଉଦ୍‌ଘାଟନ୍ କର୍‌ବାର୍ ସହେତେ କେନ୍ଦୁପତ୍ର ତୋଲାଲି ଆର୍ ବନ୍ଧାଲି ମାନ୍‌କର୍ ଲାଗି ୪୧ କୋଟି ୧୭ ଲାଖ୍ ଟଙ୍କାର୍ ସାହାଜ୍ ଘୋଷ୍‌ନା କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଦେବ୍‌ଗଡ଼୍ ଜିଲ୍ଲାର୍ ବିକାଶ୍ ଲାଗି ସବୁ ସାମର୍ଥ୍ୟ ରହିଛେ ବଲି କହିଛନ୍ । ସେ କହିଛନ...

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

କାର୍ଯ୍ୟକ୍ରମ୍‌ଥି଼ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ, ଦେବ୍‌ଗଡ଼୍ ବିଧାୟକ ରୋମାଂଚ ରଞ୍ଜନ୍ ବିଶ୍ୱାଲ୍‌ଙ୍କର୍ ସହେତେ ଜନ ପ୍ରତିନିଧି଼ ଆର୍ ଅଧି଼କାରୀମାନେ ଯୋଗ୍ ଦେଇଥିଲେ ।

ରାଜ୍ୟପାଲ୍ -ଭିଏତ୍‌ନାମ୍      I&PR

ଭାରତ୍‌ନୁ ଭିଏତ୍‌ନାମ୍ ନିଆଯାଇଥିବା ଭଗବାନ ବୁଦ୍ଧଙ୍କର୍ ପବିତ୍ର ଅବଶେଷ୍ ଆନ୍‌ବାର୍ ଲାଗି ରାଜ୍ୟପାଲ୍ ହରିବାବୁ କମ୍ଭମ୍‌ପାଟି ଭିଏତ୍‌ନାମ୍ ଗସ୍ତ କରିଛନ୍ । ଇ ଅବ୍‌ସରେ ଡକ୍ଟର୍ କମ୍ଭମ୍‌ପାଟି ଗଲା ରଏବାର୍ ସେନର୍ କ୍ୱାଙ୍ଗ୍‌ନାମ୍ ପ୍ରଦେଶ୍‌ର ମାଇସନ୍ ମନ୍ଦିର୍‌କେ ଯାଇକରି ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ୍ ସଂସ୍ଥା ତର୍‌ଫୁ ଚାଲିଥିବା ପୁନରୁଦ୍ଧାର୍ କାମ୍‌ର ତଦାରଖ୍ କରିଛନ୍ ।

ଓଡ଼ିଶା ରାଜ୍ୟପାଲ୍‌ଙ୍କର୍ ଇ ଗସ୍ତ ଭାରତ୍ ଆଉ ଭିଏତ୍‌ନାମ୍ ଭିତ୍‌ରେ ବର୍‌କସ୍ ସାଂସ୍କୃତି ଆଉ ସହଭାଗୀ ଐତିହ୍ୟକେ ସୁରକ୍ଷା ଦେବାର୍ ଦିଗେ ବଡ଼ ଭୂମିକା ନେବା ବଲି ଆଶ୍ କରାଯାଉଛେ ।

ମୁଖ୍ୟମନ୍ତ୍ରୀ-ସ୍ୱୟଂ ଚାଲିତ୍ ଗାଡ଼ି ଚାଲନା ପରୀକ୍ଷା

କେନ୍ଦ୍ରାପଡ଼ା ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଭୁବ୍‌ନେଶ୍ୱର୍ ଠାନେ ବାଣିଜ୍ୟ ଆଉ ପରିବହନ୍ ବିଭାଗ୍‌ର ଭିନ୍ ଭିନ୍ ଉନ୍ନୟନ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଶିଳାନ୍ୟାସ୍ କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଆଭାସୀ ଜରିଏ ୧୧ ଟା ଜିଲ୍ଲା ନ ସ୍ୱୟଂ ଚାଲିତ୍ ଗାଡ଼ି ଚାଲନା ପରୀକ୍ଷା ବ୍ୟବସ୍ଥାର୍ ଶୁଭାରମ୍ଭ

କରିଛନ୍ । କାର୍ଯ୍ୟକ୍ରମ୍‌ରେ ଭିନ୍ ଭିନ୍ ଜିଲ୍ଲା ନ ଆଭାସୀ ଜରିଏ ବିଭାଗୀୟ ଅଧିକାରୀ ଆଉ ଜନପ୍ରତିନିଧି ମାନେ ଯୋଗ୍ ଦେଇଥିଲେ ।

ଅନ୍ତ୍ୟୋଦୟ ଗୃହ ଯୋଜ୍‌ନା ହି.ସ.

ରାଜ୍ୟ ସର୍‌କାରଙ୍କର୍ ବର୍ଷେ ପୂର୍ତି ଅବ୍‌ସରେ ୩' ପଂଚାୟତ୍‌ନୁ ୧୦ ଝନ୍ ଲେଖା ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜ୍‌ନାଥି ପକ୍କା ଘର୍ ଯୁଗେଇ ଦିଆଯିବା ବଲି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ କହିଛନ୍ । ଇ ବାବ୍‌ଦେ ଶ୍ରୀ ନାଏକ୍ କହିଛନ୍, ୫ ଦିନ୍ ଭିତ୍‌ରେ ହିତାଧିକାରୀମାନ୍‌କର୍ ତାଲିକା ବନାବାର୍‌କେ ବିଡ଼ିଓ ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ୧୨ ତାରିଖ୍ ଦିନ ହେବାର୍‌କେ ଥିବା ସର୍‌କାର୍‌ଙ୍କର୍ ବଛର୍‌ପୂର୍ତି କାର୍ଯ୍ୟକ୍ରମ୍‌ଥି ସେ ହିତାଧିକାରୀମାନ୍‌କୁ ଘର୍ ବଂଟାଯିବା ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।

ପଂଚାୟତିରାଜ୍ ମନ୍ତ୍ରୀ- ଦୁର୍ନୀତି କାର୍ଯ୍ୟାନୁଷ୍ଠାନ୍ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ସର୍କାର୍ ଦୁର୍ନୀତି ବିରୋଧିଥି ଆଉ ଦୁର୍ନୀତି କରୁଥିବା ଲୁକ୍କର୍ ଉପ୍ରେ କଡ଼ା କାର୍ଯ୍ୟାନୁଷ୍ଠାନ୍ ନଉଛନ୍ ବଲି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ କହିଛନ୍ । ପଂଚାୟତିରାଜ୍ ବିଭାଗ୍କେ କେନ୍ସି ଭିଲ୍ ଦୁର୍ନୀତି ଅଭିଯୋଗ୍ ଆସ୍ଲେ ଆଇନ୍ ଅନ୍ସାରେ ତାର୍ ଉପ୍ରେ କଡ଼ା ପଦକ୍ଷେପ୍ ନିଆଯିବା ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।

ଅନାଥ୍ ମାନ୍କର୍ ସର୍ଭେ ହି.ସ.

ରାଏଜେ ଅନାଥ୍ ଛୁଆମାନ୍କର୍ ସର୍ଭେ କରାଯିବା । ରାଜ୍ୟ ସର୍କାର୍ଙ୍କର୍ ତର୍ଫୁ ଇ ବାବ୍ଦେ ମହିଲା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍ଫୁ ଜିଲ୍ଲାପାଲ୍ମାନ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଅଙ୍ଗନବାଡ଼ି କର୍ମୀମାନ୍କର୍ ଜରିଏ ଜିଲ୍ଲାମାନ୍କେ ଅନାଥ୍, ଛେଉଁଣ୍ଡ ଆଉ ସେମାନ୍କର୍ ପରିବାର୍ ଲୁକ୍କର୍ ସର୍ଭେ କରାଯିବା । ଡି ଏସ୍ ଡବ୍ଲୁ ଓ ଏସ୍, ଆଇ ସି ଡି ଏସ୍ ସୁପର୍ଭାଇଜର୍, ସି ଓ ପି ଓ ଏସ୍ ଆର୍ ଡି ସି ପି ଓ ଙ୍କୁ ଇ ସବୁ ସର୍ଭେ କାମ୍ର ତଦାରଖ୍ ଦାୟିତ୍ୱ ଦିଆଯାଇଛେ । ଇ ବାବ୍ଦେ ସଠିକ୍ ସୂଚ୍ନା ଠୋଲ୍

କର୍‌ବାର୍ ଲାଗି ଅଙ୍ଗନବାଡ଼ି କର୍ମୀମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଥିବାର୍ ଜନାପଡ଼ିଛେ ।

ରାଜସ୍ୱ ମନ୍ତ୍ରୀ -ଫସଲ୍ ନୁକ୍‌ସାନ୍‌ର ଭର୍‌ନା ହି.ସ.

ମୌସୁମୀ ଆଉ ଲଘୁଚାପ୍ ବର୍ଷାଥି କ୍ଷତିଗ୍ରସ୍ତ ହେଇଥିବା ଚାଷୀମାନେ ୩ ନୁ ୪ ଦିନ୍ ଭିତ୍‌ରେ ଫସଲ୍ ନୁକ୍‌ସାନ୍‌ର ଭର୍‌ନା ପାଇପାର୍‌ବେ ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ସେ କହିଛନ୍, ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଇ ବର୍ଷାଥି ଫସଲ୍ ନୁକ୍‌ସାନ୍ ହେଇଛେ । ଇ ବାବ୍‌ଦେ ଜିଲ୍ଲାପାଲ୍‌ମାନ୍‌କୁ ରିପୋର୍ଟ ମଗାଯାଇଥିଲା ଆଉ ରିପୋର୍ଟ ଆସ୍‌ବାର୍ ଭିଲ୍ ମୁଲ୍ ହେଇଛେ । ଖୋବ୍ ଜଲ୍‌ଦି ଚାଷୀମାନ୍‌କୁ ନୁକ୍‌ସାନ୍‌ର ଭର୍‌ନା ଦିଆଯିବା । ଇତାର୍‌ସହେତେ ଉଦା ହେଇଥିବା ଧାନ୍‌କେ ଯନ୍ତ୍ରପାତି ଜରିଏ ଶୁଖେଇକରି ଘିନ୍‌ବାର୍‌କେ ଭିଲ୍ ନିର୍ଦ୍ଦେଶ୍ ଦିଆଯାଇଛେ ବଲି ରାଜସ୍ୱ ମନ୍ତ୍ରୀ କହିଛନ୍ ।

ରଥଯାତ୍ରା-ବୈଠକ୍ ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ନ ମାହାପୁରୁମାନ୍‌କର୍ ଦେବସ୍ନାନ ପୂର୍ଣ୍ଣିମା ଆର୍ ରଥଯାତ୍ରାର୍ ନୀତିକାନ୍ତିକେ ଶୃଙ୍ଖଲିତ୍ ଭାବେ କର୍‌ବାର୍ ଲାଗି ସେବାୟତ୍ ମାନ୍‌କୁ ନେଇକରି ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ପୁରୀ ଜିଲ୍ଲାପାଲ୍ ଆର୍ ଶ୍ରୀମନ୍ଦିର୍ ଉପମୁଖ୍ୟ ପ୍ରଶାସକ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଆଏବା ୧୧ ତାରିଖ୍ ଦେବସ୍ନାନ ପୂର୍ଣ୍ଣିମାକେ ପରମ୍ପରା ଅନ୍‌ସାରେ ପାଲନ୍ କର୍‌ବାର୍, ମାହାପୁରୁମାନ୍‌କୁ ପହଣ୍ଡିଥି ସ୍ନାନଦେବୀକେ ନେବାର୍ ସହେତେ ସ୍ନାନ ନୀତି, ହାତୀ ବେଶ ଧାରିଜ୍ ନୀତି ଅନ୍‌ସାରେ କର୍‌ବାର୍‌କେ ଆଲୋଚନା କରାଯାଇଥିଲା । ସେନ୍ତା ରଥଯାତ୍ରାର୍ ସବୁ ନୀତିକାନ୍ତି ନିର୍ଭୁଲ୍ ଭାବେ, ଧାରିଜ୍ ସମିଆ ଅନ୍‌ସାରେ କର୍‌ବାର୍‌କେ ଜିଲ୍ଲାପାଲ୍ ବୈଠକ୍‌ଥି ଜୋର୍ ଦେଇଥିଲେ ।

କଳିଙ୍ଗ ଯୁଦ୍ଧ କର୍ମଶାଳା I&PR

ଓଡ଼ିଶାର୍ ସମୃଦ୍ଧ ଇତିହାସ୍ ଯୁଆନ୍ ପିଢ଼ି ଲାଗି ମାର୍ଗଦର୍ଶକ୍ ବାଗିର୍ କାମ୍ କରୁ ବଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ । ଓଡ଼ିଶା ସାହିତ୍ୟ ଏକାଡେମୀ ତର୍‌ଫୁ ଭୁବ୍‌ନେଶ୍ୱର୍ ଠାନେ ହେଇଥିବା କଳିଙ୍ଗ ଯୁଦ୍ଧ କର୍ମଶାଳାଥି ଯୋଗ୍ ଦେଇକରି ମନ୍ତ୍ରୀ ଶ୍ରୀ ସୂରଜ୍ କହିଛନ୍, ବିଷୟବସ୍ତୁ ଉପ୍‌ରେ

ବିଚାର୍ ଆଉ ବିତର୍କ କରିକରି ନିଷ୍କର୍ଷ ବାହାର୍ କରାବାର୍‌ଟା ଆମର୍ ଗଣତନ୍ତ୍ରିକ ରାଷ୍ଟ୍ରର୍ ସୌନ୍ଦର୍ଯ୍ୟ ଆଏ । ଇ କର୍ମଶାଳା କଲିଙ୍ଗ ଯୁଦ୍ଧ ଇତିହାସ୍‌ର ନିଷ୍କର୍ଷ ବାହାର୍ କରାଯାଇକରି ଦସ୍ତାବିଜ୍ ଆକାରେ ଆଏବା ପିଢ଼ିକେ ଜନାବା ବଲି ଶ୍ରୀ ସୂରଜ୍ କହିଛନ୍ ।

ବନ୍ଦେ ଭାରତ୍ ଏକ୍ସପ୍ରେସ୍-ଛୁଟି ବରିବର୍ତନ୍ ହି.ସ.

ପୁରୀ- ରାଉର୍‌କେଲା-ପୁରୀ ବନ୍ଦେ ଭାରତ୍ ଏକ୍ସପ୍ରେସ୍ ଟ୍ରେନ୍ ଆଏଜ୍‌ଠାନୁ ଶନିବାର୍ ବଦ୍‌ଲା ମଙ୍ଗଲ୍‌ବାର୍ ଦିନ ବନ୍ଦ୍ ରହେବା । ଆଏବା ୭ ତାରିଖ୍‌ନୁ ଶନିବାର୍ ଦିନ ସ୍ୱାଭାବିକ୍ ଭାବେ ଚାଲ୍‌ବା ବଲି ପୂର୍ବତଟ ରେଲ୍‌ବାଇ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଇ ସମିଆଥି ଷ୍ଟେସନ୍‌ମାନ୍‌କେ ଟ୍ରେନ୍ ଅଟ୍‌କିବାର୍‌ଥି କିଛି ପରିବର୍ତନ୍ କରା ନାଇଁ ଯାଇ । ସଂଶୋଧିତ୍ ସାପ୍ତାହିକ୍ ଛୁଟି ଅନ୍‌ସାରେ ଯାତ୍ରୀମାନେ ନିଜର୍ ଯାତ୍ରା ଯୋଜ୍‌ନା କର୍‌ବେ ବଲି ପୂର୍ବତଟ ରେଲ୍‌ବାଇ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ପିଜି ନାଁଲେଖା ଆବେଦନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉଚ୍ଚଶିକ୍ଷା ବିଭାଗ୍ ତର୍ଫୁ ଇ ଶିକ୍ଷା ବଛର୍ଥି ସ୍ନାତକୋତର ପାଠ୍‌ପଢ଼ାଥି ନାଁଲେଖା ଲାଗି ହେଇଥିବା ଏକକ ପିଜି ପ୍ରବେଶିକା ପରୀକ୍ଷା ଫଲ୍ ଗଲାକାଏଲ୍ ବାହାରିଛେ । ଆଏଜ୍‌ଠାନୁ ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲ୍‌ଥି ଲଗ୍‌ଇନ୍ କରିକରି ନାଁଲେଖା ଲାଗି ଆବେଦନ୍ କରିପାର୍‌ବେ । ଆଏବା ୮ ତାରିଖ୍‌ତକ୍ ଚଏସ୍ ଫିଲିଂ ଚାଲ୍‌ବା ଆଉ ୧୩ ତାରିଖ୍ ପହେଲା ଖେପ୍ ମେଧା ତାଲିକା ବାହାରିବା ବଲି ବିଭାଗ୍ ତର୍ଫୁ ସୂଚ୍‌ନା ଦିଆଯାଇଛେ ।

ଅମୃତ ବ୍ରାଣ୍ଡ ଲୋଗୋ ଉନ୍ମୋଚିତ          ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା ପାଟ୍‌ନାଗଡ୍ ଠାନେ ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଚାଷୀମାନ୍‌କୁ ଆମ୍‌ଚାଷ୍ କର୍‌ବାର୍‌କେ ତହଁକାବାର୍ ଲାଗି ଆଉ ଆମ୍‌ର ଚାହିଦା ବଢ଼ାବାର୍ ଲାଗି "ଅମୃତ ବ୍ରାଣ୍ଡ ଲୋଗୋ" ଉନ୍ମୋଚନ୍ କରିଛନ୍ । ଚାଷୀମାନ୍‌କର୍ ଫସଲ୍‌ର ଦାମ୍ ଦୁଇଗୁନ୍ କର୍‌ବାର୍ ଲାଗି କେନ୍ଦ୍ର ଆଉ ରାଜ୍ୟ ସର୍‌କାର ଚେରେଷ୍ଟା ଜାରି ରଖିଛନ୍ ବଲି ଉପମୁଖ୍ୟମନ୍ତ୍ରୀ ଇ ଅବ୍‌ସରେ କହିଛନ୍ ।

ବିଶ୍ୱ ସାଇକେଲ୍ ଦିବସ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଶାରୀରିକ ଆଉ ମାନସିକ ସ୍ୱାସ୍ଥ୍ୟ ରକ୍ଷା ଆଉ ପରିବେଶ୍ ସଂରକ୍ଷଣ୍ ଲାଗି ସାଇକେଲ୍ ଚଲାବାର୍‌ଟାକେ ତହଁକାବାର୍ ଲକ୍ଷ୍ୟଥି ଆଏଜ୍ ବିଶ୍ୱ ସାଇକେଲ୍ ଦିବସ୍ ପାଲନ୍ ହେଉଛେ । ସୁସ୍ଥ ଜୀବନ୍‌ଶୈଲୀ ଆଉ ପ୍ରଦୂଷଣ୍‌ମୁକ୍ତ ପରିବେଶ୍ ବିକାଶ୍ ଦିଗେ ସାଇକେଲ୍ ଚଲାବାର୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛେ । ଜାତିସଂଘର୍ ସାଧାରଣ୍ ସଭାଥି ୨୦୧୮ ମସିହାନୁ ଫି' ବଛର୍ ଜୁନ୍ ୩ ତାରିଖ୍‌କେ ବିଶ୍ୱ ସାଇକେଲ୍ ଦିବସ୍ ଭାବେ ପାଲନ୍ କର୍‌ବାର୍‌କେ ନିଷ୍ପତି ନିଆଯାଇଥିଲା । ବିଶ୍ୱ ସାଇକେଲ୍ ଦିବସ୍‌ର ଇ ବଛ୍‌ରର୍ ବାର୍ତା ହେଉଛେ 'ସ୍ଥାୟୀ ଭବିଷ୍ୟତ୍ ଲାଗି ସାଇକେଲ୍ ଚଲାବାର୍' ।

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍, ସାଇକେଲ୍ ଖାଲି ଗୁଟେ ଯାତାୟତ୍‌ର ସାଧନ୍ ନୁହେଁ, ଗୁଟେ ସୁସ୍ଥ ଆଉ ସୁରକ୍ଷିତ୍ ଭବିଷ୍ୟତ୍ ଦିଗେ ନିଆଯାଉଥିବା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ୍ ବଲି କହିଛନ୍ । ସଭେ ସୁସ୍ଥ ଆଉ ସମାବେଶୀ ବିକାଶ୍ ଲାଗି ସଂକଳ୍ପ ନେବାର୍‌କେ ମୁଖ୍ୟମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ । ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ୍ ମହାଲିଙ୍ଗ୍ ସାଇକେଲ୍ ଦିବସ୍ ଅବ୍‌ସରେ ଶୁଭେଚ୍ଛା ଜନାବାର୍ ସହେତେ ପରିବେଶ୍ ସୁରକ୍ଷା ଆଉ ଶାରୀରିକ ସୁସ୍ଥତା କ୍ଷେତ୍ରଥି ସାଇକେଲ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ବଲି କହିଛନ୍ ।

ପ୍ରାକୃତିକ ବିପର୍ଯ୍ୟୟ ପ୍ରଶିକ୍ଷଣ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟ ଠାନେ ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷଙ୍କର୍ ତର୍ଫୁ ସ୍କୁଲ୍, କଲେଜ୍ ଛାତ୍ରଛାତ୍ରୀ ଆଉ ଯୁଆନ୍ ମାନ୍କର୍ ପହଁରା ଦକ୍ଷତା, ବଢ଼ାବାର୍ ବାବଦ୍ ଗୁଟେ ପ୍ରଶିକ୍ଷଣ୍ ଶିବିର ମୁଲ୍ ହେଇଛେ । କାର୍ଯ୍ୟକ୍ରମ୍କେ ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ଉଦ୍‌ଘାଟନ୍ କରିଥିଲା ବେଲ୍କେ ଆରକ୍ଷୀ ଅଧିକ୍ଷକ୍ ରାହୁଲ୍ ଗୋୟଲ୍ ଆର୍ ଅଲ୍ଗା ଅଧିକାରୀ ମାନେ ଉପସ୍ଥିତ୍ ଥିଲେ । ଇନୁ ତାଲିମ୍ ନେଇଥିବା ଲୁକେ ବନ୍ୟା ବାଗିର୍ ପ୍ରାକୃତିକ ବିପର୍ଯ୍ୟୟ ସମିଆଥି ସାଧାରଣ ଲୁକ୍କର୍ ଧନ୍‌ଜୀବନ୍ ସୁରକ୍ଷା ଆଉ ଉଦ୍ଧାର୍ କାମ୍ କର୍ବାର୍ ସଙ୍ଗେ ଲୁକ୍କୁ ଆତ୍ମରକ୍ଷା କୌଶଲ୍ ଶିଖାବେ । କାର୍ଯ୍ୟକ୍ରମ୍ଥି ଆଇଆର୍‌ବିର ସବୁ ଓଡ୍ରାଫ୍ ଟିମ୍ ସଦସ୍ୟମାନେ ସାମିଲ୍ ଥିଲେ ।

ନିର୍ବାଚନ୍ ସଂଚାଳନା କମିଟି ବୈଠକ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ମୁକ୍ତ, ଅବାଧ ଆର୍ ନିରପେକ୍ଷ ନିର୍ବାଚନ୍ ପରିଚାଳନା ଲାଗି ଜିଲ୍ଲାସ୍ତରୀୟ ନିର୍ବାଚନ୍ ସଂଚାଳନା

କମିଟିର୍ ବୈଠକ୍ ହେଇଯାଇଛେ । ଜିଲ୍ଲାପାଳ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଭାରତୀୟ ନିର୍ବାଚନ୍ କମିଶନ୍‌ର ସବୁ ନିର୍ଦ୍ଦେଶ୍ ପାଳନ୍ କରିକରି ଜିଲ୍ଲା ନ ଶାନ୍ତିଶୃଙ୍ଖଳା ସହେତେ ଆଉ ଭୋଟର୍‌ମାନ୍‌କୁ ସରଲ୍ ଭାବେ ନିର୍ବାଚନ ପ୍ରକ୍ରିୟାଥି ସାମିଲ୍ କର୍‌ବାର୍ ଦିଗେ ଆଲୋଚନା ହେଇଥିଲା ।

ବିକଶିତ କୃଷି ସଂକଳ୍ପ ଅଭିଯାନ ଆର୍‌ଏନ୍‌ୟୁ/ ସମ୍ବଲପୁର

ବିକଶିତ କୃଷି ସଂକଳ୍ପ ଅଭିଯାନ୍‌ଥି ଆଏଜ୍ ସମ୍ବଲ୍‌ପୁର୍ କୃଷି ବିଜ୍ଞାନ୍ ତର୍‌ଫୁ ନାକଟିଦେଉଲ୍ ବ୍ଲକ୍‌ର ସିମିଲିପାଲ୍, ସର୍‌ପାଲି, ଡଇଁଚା ଠାନେ କାର୍ଯ୍ୟକ୍ରମ୍‌ମାନ୍ ହେଇଯାଇଛେ । କୃଷି ବୈଜ୍ଞାନିକ୍ ଆଉ ଅଧିକାରୀମାନେ ଚାଷୀମାନ୍‌କୁ ଆଧୁନିକ୍ କୃଷି ପଦ୍ଧତି, ମାଟିର ସ୍ୱାସ୍ଥ୍ୟ ପରିଚାଳନା ସହେତେ ଭିନ୍ ଭିନ୍ ଉନ୍ନତ ଚାଷ୍ ପଦ୍ଧତି ବାବ୍‌ଦେ ବୁଝେଇଛନ୍ ।

ସି.ଏମ୍. ଟ୍ରଫି ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ / ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଭିଏସଏସ୍ ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ସି.ଏମ୍. ଟ୍ରଫି ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ର ଫାଇନାଲ୍ ମେଚ୍‌ଥି ଆଏଜ୍ ବର୍‌ଗଡ୍ ୪-୨ ଗୋଲ୍‌ଥି ସମ୍ବଲ୍‌ପୁର୍ ଦଲ୍‌କେ ହରେଇଛେ । ସମ୍ବଲ୍‌ପୁର୍ ଜୋନ୍‌ନୁ ଜିତ୍‌ଲା ଉତ୍‌ରୁ ବର୍‌ଗଡ୍ ଦଲ୍ ବାକି ଜୋନ୍‌ମାନ୍‌କର୍ ଭିତ୍‌ରେ ଆଏବା ମେଚ୍‌ମାନେ ଖେଲ୍‌ବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟକେ ସଫା ଆକାଶ୍ ଆର୍ ପଶ୍ଚିମା ଗରମ୍ ପବନ୍ ଆସୁଥିବାର୍‌ନୁ ରାଏଜେ ଦିନର୍ ତାପମାତ୍ରା ବଢ଼ିଛେ । ବାୟୁମଣ୍ଡଲ୍‌ର ଆଦ୍ରତାର୍ ପରିମାଣ୍ ଅଏତ୍‌କା ରହୁଥିବାର୍‌ନୁ ଗୁଲ୍‌ଗୁଲି ବଢ଼ିଛେ । ଆଏବା କିଛି ଦିନ୍‌ତକ୍ ତାପମାତ୍ରା ୨ ନୁ ୪ ଡିଗ୍ରୀତକ୍ ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ ।